## ସଂକ୍ଷେପରେ

### ପାଣି ପାଇଁ ରାସ୍ତା ଅବରୋଧ

ଖଜୁରିପଡ଼ା, ୧୩।୧ (ବିଦୁର ବେହେରା)- ଖଜୁରିପଡ଼ା ବ୍ଲକ ନୂଆଗାଁ ପଞ୍ଚାୟତର ସ୍କୁଲ ସାହି ଲୋକମାନେ ପିଇବା ପାଣି ସମସ୍ୟା ନେଇ ଶନିବାର ସ୍ଥାନୀୟ ସଙ୍କରାଖୋଲ ରାସ୍ତାକୁ ଅବରୋଧ କରିଥିଲେ। ବହୁ ଦିନ ଧରି ପାଣି ସମସ୍ୟା ସମାଧାନ ନ ହେବାରୁ ବାଧ ହୋଇ ବବିତା ବେହେରା, ମିନି ବେହେରା, ରଞ୍ଜିତା ବେହେରା, ମମିନା ବେହେରା, ସସ୍ମିତା ବେହେରା, ଯଶୋଦା ବେହେରା ଏହିପରି ୨୦ରୁ ୩୦ ମହିଳା ରାସ୍ତା ଉପରେ ହାଣ୍ଡି ମାଠିଆ ଧରି ରାସ୍ତା ଉପରେ ଠିଆ ହୋଇ ରହିଥିଲେ। ଖଜୁରିପଡ଼ା ଜଳ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ତୀର୍ଥବାସି ପ୍ରଧାନ ଅଫିସ କର୍ମଚାରୀଙ୍କୁ ପଠେଇ ନଳକୂପ ସଜାଡ଼ିବା ସହିତ ଅନ୍ୟାନ୍ୟ ସମସ୍ୟା ସମାଧାନ କରିବାକୁ କହିବା ପରେ ମହିଳାମାନେ ରାସ୍ତାରୁ ହଟିଥିଲେ।

### କୂଅରେ ପଡ଼ି ଜଣଙ୍କ ମୃତ୍ୟୁ

ଖଜୁରିପଡ଼ା, ୧୩।୧ (ବିଦୁର ବେହେରା)- ଖଜୁରିପଡ଼ା ଥାନା ଅନ୍ତର୍ଗତ ଦୁତିମେଣ୍ଡି ପଞ୍ଚାୟତର ଲାମ୍ବାଗୁଡ଼ରୀର ଗଙ୍ଗାଧର ଭୋଇ(୫୫)ଙ୍କ ଶୁକ୍ରବାର କୂଅରେ ପଡ଼ି ମୃତ୍ୟୁ ଘଟିଛି। ସେ ନିଜ ଘର ପାଖରେ ଥିବା ଏକ ୨୫ଫୁଟ ଗଭୀର କୂଅରେ ଅସାବଧାନତାବଶତଃ ପଡ଼ିଯାଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଖଜୁରିପଡା ମେଡିକାଲକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତଦେହ ବ୍ୟବଚ୍ଛେଦ ପାଇଁ ଫୁଲବାଣୀ ମେଡିକାଲକୁ ପଠାଯାଇ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ତାଙ୍କ ପୁଅ ପ୍ରତାପ ଭୋଇ ଖଜୁରିପଡା ଥାନାରେ ଏତଲା ଦେଇଛନ୍ତି। ପୋଲିସ ନଂ.୧/୨୪ରେ ଏକ ଅପମୃତ୍ୟୁ ମାମଲା ମାମଲା ରୁଜୁ କରିଛି ।

### ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିରର ବାର୍ଷିକୋତ୍ସବ

ରମ୍ଭା, ୧୩।୧ (ବନବାସୀ ସେଠୀ): ଗଞ୍ଜାମ ବ୍ଲକ ଅନ୍ତର୍ଗତ ରାମଗଡ଼ ପଞ୍ଚାୟତର ପାଲୁରଗଡ଼ ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିରର ତ୍ରୟୋଦଶ ବାର୍ଷିକ ଉତ୍ସବ ପାଲୁର ମହାରାଜା ରଜତ ଚନ୍ଦ୍ର ଦେଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସ୍ୱାଗତ ଓ ସମ୍ବର୍ଦ୍ଧନା ପ୍ରଧାନ ଆଚାର୍ଯ୍ୟ ବନିତା ରାଉତ କରିଥିବା ବେଳେ ଅତିଥି ପରିଚୟ ଓ ବାର୍ଷିକ ବିବରଣୀ ପଠନ କରିଥିଲେ ସମ୍ପାଦକ ବିଷ୍ଣୁ ଚରଣ ବେହେରା। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡିଶା ଆଦର୍ଶ ବିଦ୍ୟାଳୟ ଶତ୍ରୁସୋଲ ଅଧ୍ୟକ୍ଷା ମାଧୁରୀ ମହାରଣା, ମୁଖ୍ୟବକ୍ତା ଓଡ଼ିଆ ଅଧାପକ ଏଚଓଡ଼ି କେଶପୁର ସ୍ନାତକ ମହାବିଦ୍ୟାଳୟ ବିଷ୍ଣୁ ପ୍ରସାଦ ଦାସ, ସରପଞ୍ଚ ସନ୍ତୋଷିନୀ ବେହେରା, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ବିଶ୍ୱାଳ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବାଳକୃଷ୍ଣ ମହାରଣା, ପାଲୁରଗଡ଼ କବି କେଶବ ଯୁବକ ସଂଘ ସଭାପତି କୈଳାଶ ଚନ୍ଦ୍ର ପ୍ରଧାନ, ଉପଦେଷ୍ଟା ଅବସରପ୍ରାପ୍ତ ଅର୍ଥତତ୍ୱ ନିରୀକ୍ଷକ ତଥା ଶିକ୍ଷାବିତ ବିରଞ୍ଚି ନାରାୟଣ ପଟ୍ଟନାୟକ ମଞ୍ଚାସିନ ହୋଇ ଉପସ୍ଥିତ ଛାତ୍ରୀଛାତ୍ରଙ୍କ ସ୍ୱାମୀ ବିବେକାନନ୍ଦ ଆମେରିକା ସହରରେ ଉଦବୋଧନ, ଲକ୍ଷ୍ୟ ଉପରେ ଟିପ୍ପଣୀ ପ୍ରଦାନ କରିଥିଲେ। ପୂର୍ବରୁ ଅନୁଷ୍ଠିତ ପ୍ରତିଯୋଗୀତାରେ କୃତୀ ଛାତ୍ରୀଛାତ୍ରଙ୍କୁ ମଞ୍ଚାସିନ ବ୍ୟକ୍ତିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶିବିର ପରିଚାଳନାରେ ସହଯୋଗ କରିଥିଲେ ଗୁରୁମା ସଂଯୁକ୍ତା ଦାସ, ନନ୍ଦିନୀ ବେହେରା, ସୁନିତା ତରେଇ, ସୁକାନ୍ତି ବେହେରା, ପୂର୍ବତନ ଛାତ୍ରୀ ଅର୍ଣ୍ଣପୂର୍ଣ୍ଣା ଦାଶ ପ୍ରମୁଖ।

# ପାଣି ପାଇଁ ରାସ୍ତା ଅବରୋଧ କଲେ ଭାବରଡ଼ାବାସୀ

ପୋଲସରା, ୧୩।୧ (ସୁବ୍ରତ ବେହେରା)

ଦୀର୍ଘଦିନ ଧରି ପାଣି ସମସ୍ୟାକୁ ନେଇ ଅଭିଯୋଗ କରି ଆସୁଥିଲେ ମଧ୍ୟ କର୍ଣ୍ଣପାତ କରୁନଥିଲେ କେହି। ବାଧ ହୋଇ ଗରା ବାଲ୍‌ଟି ଧରି ଶନିବାର ପୋଲସରା ବ୍ଲକ ଅନ୍ତର୍ଗତ ଭାବରଡା ଗ୍ରାମର ଶତାଧିକ ମହିଳା ମୁଖ୍ୟ ରାସ୍ତା ଅବରୋଧ କରିଥିଲେ।


ରାସ୍ତା ଅବରୋଧ କରିଛନ୍ତି ଗ୍ରାମବାସୀ ।

ସରକାରଙ୍କ ରାଜକୋଷରୁ ଲକ୍ଷ ଲକ୍ଷ ଟଙ୍କା ପାଣି ଭଳି ବ୍ୟୟ କରି ଗ୍ରାମର ଜନସାଧାରଣଙ୍କ ପାଇଁ ପିଇବା ପାଣିର ବ୍ୟବସ୍ଥା କରାଯାଉଛି। ନୂତନ ଭାବେ ପାଣି ଟାଙ୍କି ସହିତ ଘରକୁ ଘର ପାଣି ପାଇପ୍ ସଂଯୋଗ କରାଯାଇଛି। କିନ୍ତୁ ଠିକ ଭାବେ ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି ଭାବରଡା ଗ୍ରାମବାସୀ। ଉକ୍ତ ଅଭିଯୋଗକୁ ବିଗତ ଦିନରେ ପଞ୍ଚାୟତଠାରୁ ଆରମ୍ଭ କରି ସ୍ଥାନୀୟ ବ୍ଲକ ପ୍ରଶାସନ ଓ ୫-ଟି ସଚିବ ସହିତ ବିଭାଗୀୟ ଅଧିକାରୀଙ୍କୁ ଲିଖିତ ଅଭିଯୋଗ ଗ୍ରାମବାସୀ କରି ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନଥିବାରୁ ଭାବରଡା ଗାଁର ଶତାଧିକ ମହିଳା ଏବଂ ପୁରୁଷ ଏକତ୍ରିତ ହୋଇ ସିଂହାସନିଠାରୁ ପୋଲସରା ମୁଖ୍ୟ ରାସ୍ତାକୁ ଅବରୋଧ କରିଥିଲେ। ସମସ୍ୟାର ସମାଧାନ ନ ହେବା ଯାଏ ରାସ୍ତା ଅବରୋଧ ରହିବ ବୋଲି ମହିଳାମାନେ ଚେତାବନୀ ଦେଇଛନ୍ତି। ଅନ୍ୟପଟେ ଯାତ୍ରୀବାହୀ ବସ୍‌ଗୁଡିକ ରାସ୍ତାରେ ଅଟକି ରହିଥିବାରୁ ସ୍କୁଲ ଛାତ୍ରୀଛାତ୍ର ଓ ବସ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହୋଇଥିବା ଦେଖିବାକୁ ମିଳିଛି। ପୋଲସରା ଥାନାଧିକାରୀ କୌଶିକ ମାଝୀ ଘଟଣାସ୍ଥଳରେ ପହଞ୍ଚି ସମସ୍ୟା ସମାଧାନ କରିବା ପାଇଁ ଗ୍ରାମର ଲୋକଙ୍କ ସହିତ ଆଲୋଚନା କରିଥିଲେ। ତାହା ସମାଧାନ ହୋଇ ପାରିନଥିଲା। ଦୀର୍ଘ ୫ ଘଣ୍ଟା ପରେ ସ୍ଥାନୀୟ ସରପଞ୍ଚ ପ୍ରଦ୍ୟୁମ୍ନ କୁମାର ବିଷୋୟୀ, ଜଳ ଯୋଗାଣ ବିଭାଗ ଯନ୍ତ୍ରୀ ସ୍ୱରୂପ ତ୍ରିପାଠୀ ଓ ଥାନାଧିକାରୀ ମାଝୀ ଦୀର୍ଘ ସମୟ ଧରି ଲୋକଙ୍କ ସହିତ ଆଲୋଚନା ଏବଂ ସରପଞ୍ଚ ବିଷୋୟୀଙ୍କ ପ୍ରତିଶ୍ରୁତି ପରେ ରାସ୍ତା ଅବରୋଧରୁ ହଟିଥିଲେ ଗ୍ରାମବାସୀ। ଏହାପରେ ପରିସ୍ଥିତି ସ୍ୱାଭାବିକ ହୋଇ ରାସ୍ତାରେ ଗାଡ଼ି ଚାଲିଥିଲା।

# ବିନା ଅସ୍ତ୍ରୋପଚାରରେ ୩ ସନ୍ତାନ ଜନ୍ମ

ଜଗନ୍ନାଥ ପ୍ରସାଦ, ୧୩।୧ (ବିଭୁ ପ୍ରସାଦ ପଟ୍ଟନାୟକ): ଏକକାଳୀନ ତିନୋଟି କନ୍ୟା ସନ୍ତାନକୁ ଜନ୍ମଦେଲେ ମହିଳା । ଶୁକ୍ରବାର ରାତି ପ୍ରାୟ ୮.୩୦ସମୟରେ ଗଞ୍ଜାମ ଜିଲା ଜଗନ୍ନାଥ ପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏଭଳି ଘଟଣା ଦେଖିବାକୁ ମିଳିଛି। ନୟାଗଡ ଜିଲା ଓଡଗାଁ ବ୍ଲକ ନାଉରିଆଗଡ଼ ଗ୍ରାମର ସୁଶାନ୍ତ ନାୟକଙ୍କ ପତ୍ନୀ ସୌଭାଗ୍ନି ନାୟକଙ୍କର ତିନୋଟି କନ୍ୟା ସନ୍ତାନ ଜନ୍ମ ହୋଇଛନ୍ତି। ଉଭୟ ମାଆ ଏବଂ ତିନି ଶିଶୁ ସୁସ୍ଥ ଥିବା ଜଣାପଡ଼ିଛି। ଶୁକ୍ରବାର ସନ୍ଧ୍ୟାରେ ସୌଭାଗ୍ନିଙ୍କର ପ୍ରସବ ଯନ୍ତ୍ରଣା ହେବାରୁ ତାଙ୍କୁ ଆମ୍ବୁଲାନ୍ସରେ ଜଗନ୍ନାଥ ପ୍ରସାଦ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ଦିପ୍ତିମୟୀ ସାହୁ ଓ ଷ୍ଟାଫ ନର୍ସ ମଙ୍ଗଳି କାଲୋଙ୍କ ସହଯୋଗରେ ପ୍ରସବ କରାଯାଇଥିଲା। ବର୍ତ୍ତମାନ ତିନି ସନ୍ତାନ ଓ ମା'ଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଭଲ ରହିଛି। ପରିବାର ଲୋକେ ଖୁସି ଥିବାବେଳେ ଡାକ୍ତରଖାନାର କର୍ମଚାରୀଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।

# ଏମ୍‌କେଏସ୍‌ପିରେ ଯୁବ ଦିବସ

ଫୁଲବାଣୀ, ୧୩।୧ (ରାକେଶ କୁମାର ରାଉତ)
ମୋହନଦାସ କରମଚାନ୍ଦ ସାଂସ୍କୃତିକ ପରିଷଦରେ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଫୁଲବାଣୀ ରୋଟାରୀ କ୍ଲବର ପ୍ରତିଷ୍ଠାତା ବିପ୍ର ଚରଣ ପାତ୍ର, ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ସୁନିଲ ପଟ୍ଟନାୟକ, ସନ୍ତୋଷ ଦିଗାଲ, ଅବସରପ୍ରାପ୍ତ ଶିକ୍ଷକ ନବ କିଶୋର ରଥ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ସ୍ୱାମୀ ବିବେକାନନ୍ଦଙ୍କ ଫୋଟୋରେ ମାଲ୍ୟାର୍ପଣ କରାଯାଇଥିଲା। ଦେଶର ସାଂସ୍କୃତିକ ଓ ଆଧ୍ୟାତ୍ମିକ ବିଚାରଧାରା ବିଷୟରେ ଉପସ୍ଥିତ ଯୁବ ଭାଇ ଓ ଭଉଣୀ ମାନଙ୍କୁ ଅତିଥି ମାନେ ଅବଗତ କରାଇଥିଲେ। ଯୁବ ଗୋଷ୍ଠୀ ମାନଙ୍କ ମଧ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ମୋହନ ଦାସ କରମ ଚାନ୍ଦ ସାଂସ୍କୃତିକ ପରିଷଦ ସଭାପତି ବିଜୟ କୃଷ୍ଣ ପଟ୍ଟନାୟକ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଏହି ଅବସରରେ ଅନେକ ଉପାଦେୟ ପୁସ୍ତିକା ମୁଖ୍ୟ ଅତିଥିଙ୍କ ଦ୍ୱାରା ବଣ୍ଟନ କରାଯାଇଥିଲା। ପରିଷଦର ଉପ ସଭାପତି ବନବିହାରୀ ନନ୍ଦ ସ୍ୱାଗତ ଭାଷଣ, କିଶୋର ଚନ୍ଦ୍ର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା, ସମ୍ପାଦକ ଶରତ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଶୀତ ମହୋତ୍ସବ ଉଦ୍‌ଯାପିତ

ଦାରିଙ୍ଗବାଡି, ୧୩।୧ (ଅରୁଣ ସାହୁ)
ଦାରିଙ୍ଗବାଡିରେ ତିନିଦିନ ଧରି ଚାଲିଥିବା ଶୀତ ମହୋତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ବିଧାନସଭାର ଉପବାଚସ୍ପତି ସାଲୁଗା ପ୍ରଧାନଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଓଡିଶା ମହିଳା ଓ ବିକାଶ ଯୋଜନାର ମନ୍ତ୍ରୀ ବାସନ୍ତି ହେମ୍ବ୍ରମ ଯୋଗଦେଇଥିଲେ । ଅନ୍ୟତମ ଅତିଥିଙ୍କ ମଧ୍ୟରେ କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ, ଓଡିଶା ଚଳଚ୍ଚିତ୍ର ଉନ୍ନୟନ ନିଗମର ଅଧ୍ୟକ୍ଷ ତଥା ଚଳଚ୍ଚିତ୍ର ଅଭିନେତା, ଉପସ୍ଥାପକ କୁନା ତ୍ରିପାଠୀ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ(କନ୍ଧମାଳ )ର ଅଧ୍ୟକ୍ଷ ରଦନ ମଲିକ, ବ୍ଲକ ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ ଯୋଗଦେଇଥିଲେ। ବିଡିଓ ଗଦାଧର ପାତ୍ର ଓ ତହସିଲଦାର ଅତିଥିଙ୍କୁ ସ୍ୱାଗତ କରିବାସହ ପରିଚୟ ଓ ସମ୍ବର୍ଦ୍ଧନା କରିଥିଲେ। କାର୍ଯ୍ୟକ୍ରମରେ ଶିବାନନ୍ଦ ବାରିକ ଏବଂ ରଶ୍ମିତା ଦଳାଇ ମଞ୍ଚ ପରିଚାଳନା କରିଥିଲେ। ସ୍ୱତନ୍ତ୍ର ଭାବେ କନ୍ଧମାଳ



ଜିଲାର ବିଶିଷ୍ଟ କଣ୍ଠଶିଳ୍ପୀ ତଥା ଓଡ଼ିଆ ଚଳଚ୍ଚିତ୍ରର ଅଭିନେତା, ସଙ୍ଗୀତ ନିର୍ଦ୍ଦେଶକ ଜଳନ୍ଧର ବେହେରାଙ୍କ ଦ୍ୱାରା କନ୍ଧମାଳ ଜିଲାର ଜନଜାତିଙ୍କ କୁଇ ଭାଷାରେ ସଙ୍ଗୀତ ପରିବେଷଣ କରିଥିଲେ ଯାହାକି ଦର୍ଶକଙ୍କ ମନ ମୋହିଥିଲା ସେହିପରି ଛୋଟ ପରଦାର ବିଶିଷ୍ଟ କଳାକାର କୁନା ତ୍ରିପାଠୀଙ୍କ ଦ୍ୱାରା କମେଡି ଦର୍ଶକଙ୍କୁ ହସେଇ ମଜେଇ ଦେଇଥିଲା। ସୁନୀଲ ପ୍ରଧାନଙ୍କ ଦ୍ୱାରା ମହାବାହୁ ସଙ୍ଗୀତ ପରିବେଷଣ ହୋଇଥିବାବେଳେ ସାରଦା ନାୟକ, ହିରୁ ନାୟକ, ଅକ୍ଷୟ ନାୟକ ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ। ବ୍ଲକ ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ, ଜାଗୃତି ସମ୍ପାଦକ କୈଳାଶ ଚନ୍ଦ୍ର ଦଣ୍ଡପାଠ, ସାହିତ୍ୟିକ ବିଦେଶୀ ନାୟକ, ପତିତପାବନ ରାଉତ, ଏପିଓ କେଦାର ଚନ୍ଦ୍ର ପଣ୍ଡା, ମୋହନ ସାହୁ, ସନ୍ତୋଷ ବିଶୋଇ, ମିଲୁ ସାହୁ, ହୋଟେଲ ଓ ବଣିକ ସଙ୍ଘ ଓ ବିଭିନ୍ନ ଅନୁଷ୍ଠାନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# କଳିଙ୍ଗପଦର ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ

ଜଗନ୍ନାଥପ୍ରସାଦ, ୧୩।୧ (ବିଭୁପ୍ରସାଦ ପଟ୍ଟନାୟକ)
ଜଗନ୍ନାଥପ୍ରସାଦ ବ୍ଲକ କଳିଙ୍ଗପଦର ଅଚ୍ୟୁତାନନ୍ଦ ଆଶ୍ରମ ସରକାରୀ ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଦୁଇଦିନିଆ ଏହି ଉତ୍ସବକୁ ଶୁକ୍ରବାର ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଉପାଧ୍ୟକ୍ଷ ରଞ୍ଜିତ ପାତ୍ର, ସମାଜିକ କର୍ମୀ ପ୍ରଭାତ ଚନ୍ଦ୍ର ଦଳବେହେରା, ଜିଲା ପରିଷଦ ସଭ୍ୟ ଶିବ ସେଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପୁରାତନ ଛାତ୍ର କମିଟି ସଭାପତି ବସନ୍ତ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ଅତିଥିମାନଙ୍କ ଦ୍ୱାରା ସୁବର୍ଣ୍ଣ ଜୟନ୍ତୀ ସ୍ମରଣିକା ଏବଂ ଅଚ୍ୟୁତାନନ୍ଦ ସ୍ମରଣିକା ଉନ୍ମୋଚିତ ହୋଇଥିଲା।

# ଆଳୀୟ ଖଣ୍ଡାୟତ ସମାଜର ସାଂସ୍କୃତିକ ମହାସଭା


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ଆସିକା, ୧୨।୧ (ସୁରେନ୍ଦ୍ର ନାଥ ସାହୁ):
ଆସିକା ସହର ଉପକଣ୍ଠ ବରଗାଁସ୍ଥିତ ସଭାତୋଟାଠାରେ ନିଖିଳ ଉତ୍କଳ ଆଳିୟ ଖଣ୍ଡାୟତ ସମାଜର ୪୦ତମ ସାଂସ୍କୃତିକ ମହାସଭା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମ ତିନିଦିନ ଧରି ଚାଲିବ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ମହାସଭାକୁ ଉଦ୍‌ଘାଟନ କରିଥିଲେ । ସମାଜର କୁଳାଧିପତି ପ୍ରହଲ୍ଲାଦ ଲେଙ୍କା କୁଳଧ୍ୱଜା ଉତ୍ତୋଳନ କରିବା ସହ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ । ସମ୍ମାନିତ ଅତିଥି ଭାବେ ଆସିକା ବ୍ଲକ ଅଧ୍ୟକ୍ଷା ତ୍ରିବେଣୀ ନାହାକ ଓ କବିସୂର୍ଯ୍ୟନଗର ବ୍ଲକ ଅଧ୍ୟକ୍ଷା ଜ୍ୟୋତିର୍ମୟୀ ସ୍ୱାଇଁ, ସମାଜର ସାଧାରଣ ସଂପାଦକ ନିରଞ୍ଜନ ନାହାକ, ସମାଜର ମୁଖ୍ୟ ନିର୍ବାଚନ ଅଧିକାରୀ ଶିବ ନାହାକ ପ୍ରମୁଖ ମଞ୍ଚାସୀନ ଥିଲେ। ଅଭ୍ୟର୍ଥନା କମିଟି ସଭାପତି ପବିତ୍ର କୁମାର ଲେଙ୍କା ସ୍ୱାଗତ ଭାଷଣ ଦେଇଥିଲା ବେଳେ ସାଧାରଣ ସଂପାଦକ ନାୟକ ବାର୍ଷିକ ବିବରଣୀ ପଠନ କରିଥିଲେ । ଏହି ଅବସରରେ ସୁସ୍ଥ ସମାଜ ଗଠନରେ କର୍ମକର୍ତ୍ତାଙ୍କ ଭୂମିକା ସମ୍ପର୍କରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥିଙ୍କ ଦ୍ୱାରା ଆସିକାସ୍ଥିତ କେନ୍ଦ୍ରୀୟ କାର୍ଯ୍ୟାଳୟ ଠାରେ ଏକ ବଜାର ଗୃହ ଓ ମଣ୍ଡଳ କାର୍ଯ୍ୟାଳୟ ଉଦଘାଟନ କରାଯାଇଥିଲା । କାର୍ଯ୍ୟକ୍ରମ ପୂର୍ବରୁ ସମାଜର ଆରାଧ ଦେବୀ ମା' ଖମ୍ବେଶ୍ୱରୀଙ୍କ ପୀଠରେ ପ୍ରଦୀପ ପ୍ରଜ୍ୱଳନ ପରେ ଏକ ଶୋଭାଯାତ୍ରା ସଭା ମଣ୍ଡପକୁ ଯାଇଥିଲା । ଏହି କାର୍ଯ୍ୟକ୍ରମ ୩ଦିନ ଧରି ଚାଲିବ ।

# ଭାଜପା ଓବିସି ମୋର୍ଚ୍ଚା ଜିଲା କାର୍ଯ୍ୟକାରିଣୀ ବୈଠକ

ରାଇକିଆ, ୧୩।୧ (ପ୍ରଦୀପ ବେହେରା)
ରାଇକିଆ ସତ୍ସଙ୍ଗ କଲ୍ୟାଣ ମଣ୍ଡପଠାରେ ଶନିବାର କନ୍ଧମାଳ ଜିଲା ଭାଜପା ଓବିସୀ ମୋର୍ଚ୍ଚା କାର୍ଯ୍ୟକାରିଣୀ ବୈଠକ ଏବଂ ପିଏମ୍ ବିଶ୍ୱକର୍ମା ଯୋଜନା ଓ ନମୋ ଆପ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କନ୍ଧମାଳ ଜିଲା ଭାଜପା ଓବିସି ମୋର୍ଚ୍ଚା ସଭାପତି ସନ୍ତୋଷ ଲେଙ୍କାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶା ପ୍ରଦେଶ ପିଏମ ବିଶ୍ୱକର୍ମା ଯୋଜନା ସଂଯୋଜକ ତଥା ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁଧୀର ବିଶାଳ, ରାଜ୍ୟ ଉପସଭାନେତ୍ରୀ ଡାଃ ଲେଖାଶ୍ରୀ ସାମନ୍ତ ସିଂହାର, ପିଏମ ବିଶକର୍ମା ଯୋଜନା ଜୋନ ସଂଯୋଜକ ରବୀନ୍ଦ୍ର ମହାରଣା, ଅରୁଣ ନାୟକ, କନ୍ଧମାଳ ଜିଲା ଭାଜପା ସଭାପତି ଜଗନ୍ନାଥ ସାହୁ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହିଳା ମୋର୍ଚ୍ଚା, କୃଶକ ମୋର୍ଚ୍ଚା, ଆଦିବାସୀ ମୋର୍ଚ୍ଚା, ହରିଜନ ମୋର୍ଚ୍ଚା, ଯୁବ ମୋର୍ଚ୍ଚା ସଭାପତି, ସମସ୍ତ ମଣ୍ଡଳ ସଭାପତି, ସଂପାଦକ, ରାଜ୍ୟକାର୍ଯ୍ୟକାରିଣୀ ସଦସ୍ୟ, ପିଏମ ବିଶ୍ୱକର୍ମା ଉପସ୍ଥିତ ଥିଲେ ।

# ଧାନ ବୋଝେଇ ଟ୍ରାକ୍ଟର ଓଲଟି ଶ୍ରମିକଙ୍କ ମୃତ୍ୟୁ

ଛତ୍ରପୁର, ୧୩।୧ (ସନ୍ତୋଷ ପାଢ଼ୀ):
ଚମାଖଣ୍ଡି ଥାନା କରାପଲ୍ଲୀ ଓ ଗଳାଶଙ୍ଖ ଉପରେ କେନାଲଠାରେ କରାପଲ୍ଲୀ ଗ୍ରାମରୁ ଏକ ଟ୍ରାକ୍ଟର ଧାନ ବୋଝେଇ କରି ସୁନ୍ଦରପୁର ଗ୍ରାମ ଯାଉଥିଲା। ଏହି ସମୟରେ ଭାରସାମ୍ୟ ହରାଇ ଟ୍ରାକ୍ଟରଟି ନାଳରେ ଓଲଟି ପଡିଥିଲା। ଫଳରେ ଶ୍ରମିକ ରାମ ନାୟକ (୨୦) ଓ ଡ୍ରାଇଭର ସାଗର ନାୟକ (୨୨) ଦୁହେଁ ଗୁରୁତର ଆହତ ହୋଇଥିଲେ। ସୁନ୍ଦରପୁର ସରପଞ୍ଚ ଗଗନ କୁମାର ବେହେରା, ସମିତିସଭ୍ୟା ପ୍ରତିନିଧି ଗଙ୍ଗାଧର ସେଠୀ, ବାବୁଲା ଦାସ ଓ ବସନ୍ତ କୁମାର ବିଷୋୟୀ ପହଞ୍ଚି ଆହତ ଦୁଇ ଜଣଙ୍କୁ ବ୍ରହ୍ମପୁର ବଡ ମେଡିକାଲ ପଠାଇଥିଲେ। ସେଠାରେ ଶ୍ରମିକ ରାମ ନାୟକ ମୃତ୍ୟୁ ଘଟିଥିଲା।

# ଆଉ ୫ ସାମିଲ, ୩୦ରେ ହାଜର ହେବାକୁ ନିର୍ଦ୍ଦେଶ

**ସୂଚନାକର୍ମୀ ଅଭିମନ୍ୟୁ ପଣ୍ଡା ହତ୍ୟା ମାମଲା**

ଫୁଲବାଣୀ, ୧୩।୧ (ରାକେଶ କୁମାର ରାଉତ)
କନ୍ଧମାଳ ଜିଲାର ବହୁ ଚର୍ଚ୍ଚିତ ସୂଚନାକର୍ମୀ ଅଭିମନ୍ୟୁ ପଣ୍ଡା ହତ୍ୟା ଘଟଣାରେ କୋର୍ଟ ନିଜ ଆଡୁ ୫ ଜଣଙ୍କୁ ସାମିଲ କରିଛନ୍ତି । ସେମାନଙ୍କୁ ଆସନ୍ତା ୩୦ରେ କୋର୍ଟରେ ହାଜର ହେବାକୁ ବ୍ରହ୍ମପୁର ଜିଲା ଦୌରାଜଜ୍ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ଏହି ହତ୍ୟା କାଣ୍ଡରେ ଗିରଫ ହୋଇଥିବା ବ୍ୟକ୍ତିଙ୍କ ନାମରେ ଯେଉଁ ଦଫା ଲାଗିଛି, ଏହି ୫ ଜଣଙ୍କ ନାମରେ ମଧ୍ୟ ସମାନ ଦଫା ଲାଗିବ ବୋଲି କୋର୍ଟ ସ୍ପଷ୍ଟ କରିଛି। ସେମାନେ ହେଲେ ଶ୍ୟାମସୁନ୍ଦର ପାତ୍ର, ବିଶ୍ୱନାଥ ପାତ୍ର, ଗୋପାଳ ଚନ୍ଦ୍ର ପାତ୍ର, ରାମଚନ୍ଦ୍ର ପାତ୍ର ଓ ଚିଂଟୁ ଓରଫ ଆନନ୍ଦ ପ୍ରସାଦ ଆଚାର୍ଯ୍ୟ । ୨୦୧୯ରେ ଅଭିମନ୍ୟୁ ହତ୍ୟା ଘଟଣାରେ ପୋଲିସ ୬ ଜଣଙ୍କୁ କୋର୍ଟ ଗିରଫ କରି ଚାଲଣ କରିଥିଲା। କିନ୍ତୁ ଅଭିମନ୍ୟୁଙ୍କ ପରିବାର ପକ୍ଷରୁ ଦିଆଯାଇଥିବା ଏତଲାରେ ସମ୍ପୃକ୍ତ ୫ ଜଣଙ୍କ ନାମ ଦର୍ଶାଯାଇଥିଲେ ମଧ୍ୟ ପୋଲିସ ସେମାନଙ୍କୁ ହତ୍ୟାକାଣ୍ଡରେ ସମ୍ପୃକ୍ତ ନ ଥିବା ନେଇ ଖବରଦାତା ସମ୍ମିଳନୀରେ କହିଥିଲା । ସେତେବେଳେ ୫ ଜଣଙ୍କୁ ଗିରଫ କରିଥିବା ବେଳେ ବହୁଦିନ ପରେ ଆସ୍କାରୁ ମାଷ୍ଟର ମାଇଣ୍ଡଙ୍କୁ ଧରି କୋର୍ଟ ଚାଲଣ କରିଥିଲା । ଏହି ୬ଜଣଙ୍କ ନାମରେ ପୋଲିସ କୋର୍ଟରେ ଚାର୍ଜସିଟ୍ ଦାଖଲ କରିଥିଲା । ହେଲେ ଏତଲାରେ ଥିବା ଏହି ୫ଜଣଙ୍କ ନାମରେ ଚାର୍ଜ ସିଟ୍ ଦାଖଲ କରି ନ ଥିଲା । ମାମଲାର ବିଚାରଣ ବେଳେ ୧୪ ଜଣଙ୍କ ସାକ୍ଷୀଙ୍କ ବୟାନକୁ ନେଇ କୋର୍ଟ ଏହି ୫ ଜଣ ମଧ୍ୟ ହତ୍ୟାକାଣ୍ଡରେ ସାମିଲ ଅଛନ୍ତି। ସେମାନଙ୍କୁ କୋର୍ଟ ହତ୍ୟା କାଣ୍ଡରେ ସାମିଲ କରିବା ସହ ହାଜିର ହେବାକୁ ନୋଟିସ କରିଛି ବୋଲି ବ୍ରହ୍ମପୁର ଜିଲା ଦୌରାଜଜ୍ କୋର୍ଟ ପିପି ତ୍ରିଲୋଚନ ପରିଡା ପ୍ରକଶ କରିଛନ୍ତି।

# ଅଜଗର ଉଦ୍ଧାର

ଭଞ୍ଜନଗର, ୧୩।୧ (ବାବୁଲା ପ୍ରଧାନ)
ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ପରିସରରେ ଥିବା ଅବ୍ୟବହୃତ ନିର୍ବାଚନ ସେକ୍ସନ୍ ରୁମରୁ ଶନିବାର ଏକ ଅଜଗର ସାପକୁ ବନ କର୍ମଚାରୀ ଉଦ୍ଧାର କରିଛନ୍ତି। ପରେ ସାପଟିକୁ ଜଙ୍ଗଲରେ ଛାଡି ଦିଆଯାଇଛି। ୨୦୧୯ ସାଧାରଣ ନିର୍ବାଚନ ବେଳେ କଲେଜର ଏକାଧିକ ରୁମ୍ ଭୋଟ ପାଇଁ ବ୍ୟବହାର ହୋଇଥିଲା। ସେଥିମଧ୍ୟରୁ ଦୁଇଟି ରୁମ୍‌ରେ କିଛି ଅବ୍ୟବହୃତ ଲଣ୍ଠନ, ବାକ୍ସ, କାଗଜ ଆଦି ଥିଲା। ପ୍ରଶାସନ ପକ୍ଷରୁ ଉକ୍ତ ରୁମ୍ ସଫା ଚାଲିଥିବା ବେଳେ ଅଜଗର ବାହାରିଥିଲା।

# ଏସ୍‌ଏଚ୍‌ଜିକୁ ଖଜୁରି ଗୁଡ଼ ପ୍ରସ୍ତୁତି ତାଲିମ

ଆର.ଉଦୟଗିରି, ୧୩।୧ (ମନୋଜ କୁମାର ପାଢୀ)
ଆର.ଉଦୟଗିରି ବ୍ଲକ ବାମନିପଡା ଗ୍ରାମରେ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)ର ସଭ୍ୟା ତଥା ଚାଷୀମାନଙ୍କୁ ଖଜୁରୀ ଗୁଡ ପ୍ରକ୍ରିୟାକରଣ, ନେତୃତ୍ୱର ବିକାଶ, ଆର୍ଥିକ ସାକ୍ଷରତା ଓ ବଜାର ବ୍ୟବସ୍ଥା ସମ୍ପର୍କରେ ତାଲିମ ଦିଆଯାଇଛି। ଆରକେଏସଏସ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ନାବାର୍ଡ ସହାୟତାରେ ୧୨ଟି ସ୍ୱୟଂ ସହାୟକ ଗୋଷ୍ଠୀର ୭୦ ଜଣ ଚାଷୀଙ୍କୁ ଦିନିକିଆ ତାଲିମ ଦିଆଯାଇଥିଲା। ଡିଡ଼ିଏମ, ନାବାର୍ଡ ପ୍ରତୀକ ପଣ୍ଡା, ଶ୍ରାବଣ କୁମାର ପ୍ରଧାନ, ପ୍ରଶିକ୍ଷଣ କେନ୍ଦ୍ର ଆରଏସଟି ନିର୍ଦ୍ଦେଶକ ମନୋଜ କୁମାର ସାବତ, ଡ଼ିଏଲଟି ତାଲିମଦାତା ସଞ୍ଜୟ ବେହେରମାଝି, ସିଏଲଏଫ ତାଉତିଆ ନାୟକ, ଖଜୁରୀ ଗୁଡ ସମିତିର ସମ୍ପାଦକ ପ୍ରମୁଖ ଉଦ୍‌ଘାଟନୀରେ ଉପସ୍ଥିତ ଥିଲେ। ଆରକେଏସଏସ ଅନୁଷ୍ଠାନର ସଂପାଦକ ଲକ୍ଷ୍ମୀକାନ୍ତ ପଣ୍ଡା ଉପସ୍ଥିତ ରହି ଏହି ତାଲିମ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୁଝାଇଥିଲେ। ସେହିଭଳି ଆର୍ଥିକ ସାକ୍ଷରତା ସହ ସରକାରଙ୍କ ବିଭିନ୍ନ ପ୍ରକାର ବୀମା, ନିର୍ମାଣ ଶ୍ରମିକ ପଞ୍ଜୀକରଣ, ଏଟିଏମ କାର୍ଡ ବ୍ୟବହାର ଓ ବ୍ୟାଙ୍କ ଏସ୍‌ଏଚଜିକୁ ଦେଉଥିବା ଆର୍ଥିକ ସହାୟତା ସମ୍ପର୍କରେ ମଧ୍ୟ ସଚେତନ କରାଯାଇଥିଲା। ଅନୁଷ୍ଠାନର ମୁଖ୍ୟ ତଥା ସମ୍ପାଦକ ଲକ୍ଷ୍ମୀକାନ୍ତ ପଣ୍ଡା କାର୍ଯ୍ୟକ୍ରମରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ମନୋଜ କୁମାର ସାବତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡ଼ିଆ ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତି କାର୍ଯ୍ୟକ୍ରମ ଉଦ୍‌ଘାଟିତ


ମଞ୍ଚାସୀନ ଅଧ୍ୟକ୍ଷ ଓ ଅଧ୍ୟାପିକା।

ଜି.ଉଦୟଗିରି, ୧୩।୧ (ଶିଶିର ପଟ୍ଟନାୟକ)
ଜି.ଉଦୟଗିରି ଇନ୍ଦିରା ପ୍ରିୟଦର୍ଶିନୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶନିବାର ନୂଆ-ଓ ଯୋଜନା ମାଧ୍ୟମରେ ଓଡ଼ିଆ ସାହିତ୍ୟ ଓ ଶ୍ରୀଜଗନ୍ନାଥ ସଂସ୍କୃତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ଶିବରାମ ସାହୁଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି କାର୍ଯ୍ୟକ୍ରମକୁ ନୋଡ଼ାଲ ଅଫିସର ଓଡ଼ିଆ ଅଧାପିକା ଡ଼ ବବିତା ରାଣୀ ପଟ୍ଟନାୟକ ପରିଚାଳନା କରି ଜଗନ୍ନାଥ ସଂସ୍କୃତି ସମ୍ପର୍କରେ ବିଷଦ ଭାବେ କହିଥିଲେ। ଅଧାପିକା ମିନତୀ ଦାଶ, ସୁଧାରାଣୀ ପାତ୍ର, ସସ୍ମିତା ଦାଶ ମଞ୍ଚାସୀନ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଓଡ଼ିଶା ସରକାରଙ୍କ ଦ୍ୱାରା ଆୟୋଜିତ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଓ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପରିପ୍ରେକ୍ଷୀରେ ବିଭିନ୍ନ ପ୍ରକାର ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଓ ଶ୍ରୀଜଗନ୍ନାଥ ସଂସ୍କୃତି ସମ୍ବନ୍ଧୀୟ କାର୍ଯ୍ୟକ୍ରମ ୧୦ ଦିନ ଅନୁଷ୍ଠିତ ହେବ ବୋଲି ନୋଡାଲ ଅଫିସର ଡ଼. ପଟ୍ଟନାୟକ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଓଡ଼ିଆ କବିତା ଲିଖନ, ହସ୍ତାକ୍ଷର, ଓଡ଼ିଆ ବକ୍ତୃତା, ଓଡ଼ିଆ ଭଜନ, ପ୍ରବନ୍ଧ, ବ୍ୟାକରଣ, ଓଡ଼ିଆ କ୍ଷୁଦ୍ର ଗଳ୍ପ, ଓଡ଼ିଆ ଲୋକ ନୃତ୍ୟ, ଓଡ଼ିଆ କୁଇଜ ଓ ଜଗନ୍ନାଥ ସଂସ୍କୃତି ସମ୍ବନ୍ଧୀୟ ଆଲୋଚନାଚକ୍ର ସହିତ ଓଡ଼ିଆ ସିନେମା ପ୍ରଦର୍ଶନ କରାଯିବ ବୋଲି ନୋଡାଲ ଅଫିସର କହିଛନ୍ତି।

# ସଂଗ୍ରହ ହେଲା ଗୁଆ, ଚାଉଳ

ଛତ୍ରପୁର, ୧୩।୧ (ଦିଲୀପ ସାମଲ):
ଛତ୍ରପୁର ଏନଏସି ଅନ୍ତର୍ଗତ ୯ ଓ ୧୧ନଂ ୱାର୍ଡରେ ଭକ୍ତିମୟ ପରିବେଶରେ ଅର୍ପଣ ରଥକୁ ଭବ୍ୟ ସ୍ୱାଗତ କରାଯାଇଛି। କାଉନସିଲର ପ୍ରିତିଛନ୍ଦା ସାମଲଙ୍କ ନେତୃତ୍ୱରେ ବ୍ୟାଙ୍କ କଲୋନୀ ଠାରୁ ରଥକୁ ପୂଜା ଅର୍ଚ୍ଚନା କରାଯାଇ ଘର ଘର ବୁଲି ଚାଉଳ ଓ ଗୁଆ ସଂଗ୍ରହ କରାଯାଇଥିଲା। ପରେ ୧୧ନଂ ୱାର୍ଡର କାଉନସିଲର ସନ୍ତୋଷୀ ସେଠୀଙ୍କ ନେତୃତ୍ୱରେ ସ୍ଥାନୀୟ ବେରେକସାହି ସ୍ଥିତ ଶ୍ରୀଗଣେଶ ମନ୍ଦିର ପ୍ରାଙ୍ଗଣରେ ଶ୍ରୀଜଗନ୍ନାଥ ମୂର୍ତ୍ତି ରଖି ପୂଜା ଅର୍ଚ୍ଚନା କରାଯାଇଥିଲା। ସେଠାରୁ ଅର୍ପଣ ରଥ ବାହାରି ୱାର୍ଡର ବିଭିନ୍ନ ସାହି ପରିକ୍ରମା କରି ଚାଉଳ ଓ ଗୁଆ ସଂଗ୍ରହ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଅଶୋକ କୁମାର


ଗୁଆ ଚାଉଳ ସଂଗ୍ରହ କରାଯାଉଛି।

ଚୌଧୁରୀ, ଛତ୍ରପୁର ଏନଏସି ଉପାଧ୍ୟକ୍ଷ ଜି.ପାପା ରାଓ, ଛତ୍ରପୁର ନଗର ବିଜେଡି ସଭାପତି ବି.ରାଜୁବାବୁ , ଉପସଭାପତି ଅଟଳ ବିହାରୀ ପଟ୍ଟନାୟକ, ଛତ୍ରପୁର ବ୍ଲକ ବିଜେଡି ସଭାପତି ପ୍ରବାସୀ ପ୍ରଧାନ, ଯୁବ ଆଇନଜୀବୀ ରଂଜନ ମହାପାତ୍ର, ଯୁବ ବିଜେଡି ଛତ୍ରପୁର ନିର୍ବାଚନ ମଣ୍ଡଳୀ ସଭାପତି ସନମୁଖ ପଟ୍ଟନାୟକ, ଜିଲାପରିଷଦ ସଭ୍ୟ ଏମ. ଧନଞ୍ଜୟ ରେଡ୍ଡୀ, ଯୁବ ବିଜେଡି ଗଞ୍ଜାମ ଏସନଏସି ସଭାପତି ସୁଧୀର ପାଢି, ଯୁବ ବିଜେଡି ଜିଲା ନେତା ଶମ୍ଭୁନାଥ ସୱାଇଁ, ଅକ୍ଷୟ ସ୍ୱାଇଁ ଓ ରାଜେଶ କୁମାର ମହାରଣା, ପୂର୍ବତନ ଏନଏସି ଉପାଧ୍ୟକ୍ଷ ପ୍ରଦୋଷ କୁମାର ବେହେରା, ଛତ୍ରପୁର ବିଜୁ ଆଇନ ସାମ୍ମୁଖ୍ୟର ସଭାପତି ସୁରେଶ କୁମାର ପଣ୍ଡା , ଉପସଭାପତି ସିମାଞ୍ଚଳ ମହାପାତ୍ର ଓ ଭୈରବୀ କୁମାର ପଟ୍ଟନାୟକ, ଏଲ.ଗୋପାଳ ରାଓ, ଆଇନଜିବୀ ପ୍ରଶାନ୍ତ କୁମାର ଶତପଥୀ, ପୁଳିନ ବିହାରୀ ପଟ୍ଟନାୟକ ଓ ଟି ,ମୋହନ ରେଡ୍ଡୀ,କାଉନସିଲର ଦେବାଶିଷ ମିଶ୍ର, ବି.ନିଶ୍ଚଳା, ମମତା ପାତ୍ର, ଏମ. ୱାଣୀ ସେନାପତି, ଟି.ଗଣେଶ ରେଡ୍ଡୀ, ଅମରେଶ କୁମାର ମହାରଣା, କେ.ରମେଶ , ଅରୁନ୍ଧତି ରେଡ୍ଡୀ ଓ ସୁମନ୍ତ ନାହାକ, ଯୁବ ନେତା କିଶୋର ବେହେରା, ସପନ ନାହାକ, ମିଟୁ ବେହେରା ପ୍ରମୁଖ ଯୋଗଦେଇଥିଲେ।

